# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**1 September - 2024**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ବିଚାରାଧିନ ମାମଲାଗୁଡ଼ିକ ହ୍ରାସ କରିବା ନ୍ୟାୟପାଳିକା ପାଇଁ ଏକ ବଡ଼ ଆହ୍ୱାନ; କହିଲେ, ରାଷ୍ଟ୍ରପତି
- ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କର ନାମ ପଞ୍ଜୀକରଣ ପ୍ରକ୍ରିୟା ଆଜିଠାରୁ ହେଲା ଆରମ୍ଭ
- ଚଳିତମାସର ପ୍ରଥମ ୩ଟି ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି
- ଦେଶରେ ଆଜିଠାରୁ ଲାଗୁ ହେଲା କମ୍ପ୍ୟୁଟର ମାଧ୍ୟମରେ ମିଳୁଥିବା ସେବା ସମ୍ପର୍କିତ ନିୟମରେ ପରିବର୍ତ୍ତନ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ମଧ୍ୟମରୁ ପ୍ରବଳ ବର୍ଷା

## ରାଷ୍ଟ୍ରପତି-ନ୍ୟାୟପାଳିକା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବିଚାରାଧୀନ ମାମଲା ହ୍ରାସ କରିବା ନ୍ୟାୟପାଳିକା ପାଇଁ ଏକ ବଡ ଆହ୍ୱାନ। ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଜିଲ୍ଲା ନ୍ୟାୟପାଳିକାର ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ସମସ୍ତ ଅଂଶୀଦାର ଏକାଠି ହୋଇ ବକେୟା ମାମଲାର ସମାଧାନ ପାଇଁ ଉପାୟ ଖୋଜିବା ଉଚିତ।

ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ତାଙ୍କ ଅଭିଭାଷଣରେ ସୁପ୍ରିମ୍‌କୋର୍ଟ ୭୫ ବର୍ଷର ଯାତ୍ରାକୁ ପୂରା କରିଥିବାରୁ ଗର୍ବିତ ବୋଲି କହିଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନାଗରିକମାନଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥାର ଏକ ଉତ୍ତମ ବ୍ୟବସ୍ଥା ଉପଲବ୍ଧ ହେବା ଉଚିତ୍। ଯାହାଦ୍ୱାରା ସେମାନେ ସେମାନଙ୍କର ବ୍ୟକ୍ତିଗତ ଏବଂ ସାମୂହିକ ସାମର୍ଥ୍ୟକୁ ରାଷ୍ଟ୍ର ନିର୍ମାଣରେ ନିୟୋଜିତ କରିପାରିବେ ବୋଲି ସେ କହିଥିଲେ।

ଏହି ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ କହିଛନ୍ତି, ବକେୟା ମାମଲା ହ୍ରାସ ସଂକ୍ରାନ୍ତ କମିଟି ମାମଲା ପରିଚାଳନା ଜରିଆରେ ବିଚାରାଧୀନ ମାମଲାକୁ ହ୍ରାସ କରିବା ପାଇଁ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ସେ ଆହୁରି ମଧ୍ୟ କହିଛନ୍ତି, ବିଚାରାଧୀନ ମାମଲାର ସମାଧାନ ପାଇଁ ଅନ୍ୟ କେତେକ ରଣନୀତି ମଧ୍ୟରେ ପ୍ରାକ୍ ମାମଲା ବିବାଦ ସମାଧାନ ଅନ୍ତର୍ଭୁକ୍ତ। ପ୍ରଧାନ ବିଚାରପତି କହିଛନ୍ତି, ସୁପ୍ରିମ୍‌କୋର୍ଟ ନିକଟରେ ତାଙ୍କର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶେଷ କରିଛନ୍ତି, ଯେଉଁଥିରେ

ପାଞ୍ଚଟି କାର୍ଯ୍ୟଦିବସ ମଧ୍ୟରେ ପ୍ରାୟ ଏକ ହଜାର ମାମଲାର ଆପୋଷ ସମାଧାନ ହୋଇଛି। ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଲ୍ଲା ନ୍ୟାୟପାଳିକାର ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ।

## ସୁଭଦ୍ରା-ପଞ୍ଜୀକରଣ

ରାଜ୍ୟରେ ଆଜିଠାରୁ ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କର ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତ୍ୟେକ ଜିଲ୍ଲାର ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌରାଞ୍ଚଳ କାର୍ଯ୍ୟାଳୟ ଏବଂ ମୋ ସେବା କେନ୍ଦ୍ରରେ ବିନାଦେୟରେ ଆବେଦନ କରାଯାଇପାରିବ । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଆବେଦନ ପତ୍ର ପଠାଯାଇଥିବା ଜଣାପଡ଼ିଛି। ଏହି ଯୋଜନା ନେଇ କୌଣସି ବିଭ୍ରାନ୍ତିକର ଖବର ଦ୍ୱାର ପ୍ରଭାବିତ ନ ହେବା ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର **୧୪୬୭୮** ଜାରି କରାଯାଇଛି। ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କରି ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ହିତାଧିକାରୀମାନେ ପାଇପାରିବେ।

## କିଶୋର ନ୍ୟାୟ

ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ନ୍ୟାୟିକ କମିଟି ଜୁଡିସିଆଲ୍ ଏକାଡେମୀ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ରାଜ୍ୟସ୍ତରୀୟ କିଶୋର ନ୍ୟାୟ ଓ ପକ୍‌ସୋ ଆଇନ୍‌ର ସଫଳ କାର୍ଯ୍ୟାନ୍ୱୟନକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ କହିଛନ୍ତି, ଏହି ଆଇନ୍ କିଶୋରମାନଙ୍କ ଅଧିକାର, ସୁରକ୍ଷିତ ରଖିବା ଦିଗରେ ଏକ ଶକ୍ତିଶାଳୀ ଆଇନ୍ ଭାବରେ ପରିଗଣିତ ହୋଇଛି। ଜୁଭେନାଇଲ୍ ନ୍ୟାୟିକ କମିଟିର ଅଧକ୍ଷ ଜଷ୍ଟିସ୍ ଦେବବ୍ରତ ଦାସ ସ୍ୱାଗତ ଭାଷଣ ଦେଇ ଏହା ଉପରେ ଆଲୋକପାତ କରିଥିଲେ। ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥୋ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଭା ଶର୍ମା, ପ୍ରମୁଖ୍ ଶାସନ ସଚିବ ବିଷ୍ଣୁପଦ ସେଠୀ ପ୍ରମୁଖ ଯୋଗଦେଇ କିଶୋର ଏବଂ ଭିନ୍ନକ୍ଷମ ଅଧିକାର ସମ୍ପର୍କିତ ଆଇନ୍ ଉପରେ ଆଲୋଚନା କରିଥିଲେ।

## ଜନ ଅଭିଯୋଗ ଶୁଣାଣି ବନ୍ଦ୍

ଚଳିତ ମାସର ପ୍ରଥମ ତିନୋଟି ସୋମବାର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏନେଇ  ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଧାନସଭା ଅଧିବେଶନ ଚାଲିଥିବାରୁ ଆସନ୍ତାକାଲି ଅଭିଯୋଗ ଶୁଣାଣି ବନ୍ଦ ରହିବ। ସେହିପରି ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ଚଳିତ ମାସ ୯ତାରିଖ ଏବଂ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଇଁ ୧୬ତାରିଖ ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି।

## ଦୁର୍ଗାପୂଜା – ଡିଜେ ବନ୍ଦ

ଦୁର୍ଗାପୂଜା ଭସାଣୀରେ ଡିଜେ ବଜାଇବା ଉପରେ କଟକ-ଭୁବନେଶ୍ୱର ମହାନଗର ନିଗମ ପୁଲିସ୍ କମିଶନର ସଞ୍ଜୀବ ପଣ୍ଡା କଟକଣା ଲଗାଇଛନ୍ତି। ତେବେ ଭସାଣୀରେ ପାରମ୍ପରିକ ବାଦ୍ୟ ବଜାଇବାକୁ ଅନୁମତି ମିଳିଛି।

ଭସାଣୀ ସମୟରେ କୌଣସି ବ୍ୟକ୍ତି ଯେପରି ମଦ୍ୟପାନ କରିବେ ନାହିଁ ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି କମିଶନର କହିଛନ୍ତି। ଦୁର୍ଗାପୂଜା ପାଇଁ କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଚାନ୍ଦା ଦେବାକୁ ବାଧ୍ୟ କରିପାରିବେ ନାହିଁ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ବୈଠକରେ ଯୋଗଦେବା ପରେ ଶ୍ରୀ ପଣ୍ଡା ଏହି ସୂଚନା ଦେଇଛନ୍ତି। ଆସନ୍ତା ଅକ୍ଟୋବର ୧୪ ତାରିଖରେ ଦୁର୍ଗାପୂଜା ଭସାଣୀ ଅନୁଷ୍ଠିତ ହେବାକୁ ଥିବାବେଳେ ଦୁର୍ଗାପୂଜା ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବାକୁ ଅନୁମତି ମିଳିଛି। ଏହି ଭସାଣୀ ଶୋଭାଯାତ୍ରାରେ କେବଳ ୬ଟି ବକ୍ସ ବଜାଇବା ପାଇଁ ପୁଲିସ୍ ପକ୍ଷରୁ ଅନୁମତି ଦିଆଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ କମିଶନରେଟ୍ ପୁଲିସ୍ ଗଣେଶ ପୂଜା ଭସାଣୀରେ ଡିଜେ ବ୍ୟବହାରକୁ ନିଷେଧ କରିଥିଲା।

## କଟକଚଣ୍ଡୀ ଉନ୍ନତୀକରଣ

କଟକଚଣ୍ଡୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି। କଟକ ଗସ୍ତରେ ଆସି ଶ୍ରୀ ସିଂହ ଦେଓ ଆଜି ସକାଳେ ମା' କଟକଚଣ୍ଡୀ ଏବଂ ଗଡଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

## ନିୟମ ପରିବର୍ତ୍ତନ-ଗୁଗୁଲ

ଦେଶରେ ଆଜିଠାରୁ ଗୁଗୁଲଠାରୁ ଆରମ୍ଭ କରି ଆଧାର, ୟୁପିଆଇ ଏବଂ ମୋବାଇଲ୍ ସେବା ସମ୍ପର୍କିତ ନିୟମରେ ସରକାର ବିଭିନ୍ନ ପରିବର୍ତ୍ତନ

କରିଛନ୍ତି। ବ୍ୟବହାରକାରୀଙ୍କ ଡିଜିଟାଲ ଏବଂ ଆର୍ଥିକ କାରବାରକୁ ସୁରକ୍ଷିତ ଓ ସହଜ କରିବାକୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆଧାରକାର୍ଡ ଅପଡେଟ୍ ଧାର୍ଯ୍ୟ ସମୟସୀମାକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ଶୀତଳଭଣ୍ଡାର ପ୍ରତିଷ୍ଠା

ରାଜ୍ୟରେ ୫୮ଟି ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଆକାଶବାଣୀକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଏଥିପାଇଁ ସରକାର ଅର୍ଥ ବରାଦ କରିସାରିଛନ୍ତି। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

## ବୌଦ୍ଧ ପରିଦର୍ଶନ

**ବୌଦ୍ଧ** ଜିଲ୍ଲାରେ ଜଣ୍ଡିସ୍ ରୋଗ ବ୍ୟାପିଥିବାରୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମନମୁଣ୍ଡା ପଞ୍ଚାୟତ ଯୋଗିପଦର ଗ୍ରାମ ପରିଦର୍ଶନ କରିଛନ୍ତି। ସେ ବିଭାଗୀୟ ଅଧିକାରୀମାନଙ୍କ ସହ ଗ୍ରାମରେ ପିଇବା ପାଣି ପାଇଁ ବ୍ୟବହାର ହେଉଥିବା ବନ୍ଧ, କୂଅ, ନଳକୂପ ଆଦି ବୁଲି ଦେଖିଛନ୍ତି। ସଂକ୍ରମିତମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱଚ୍ଛତା ପକ୍ଷ

ରାଜ୍ୟରେ ଆସନ୍ତାକାଲିଠାରୁ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯିବ । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସଫେଇ, ସ୍ୱଚ୍ଛତା ଏବଂ ପରିମଳକୁ ଗୁରୁତ୍ୱ ଦିଆଯିବ । ଆସନ୍ତାକାଲି ଶପଥପାଠ

କରାଯିବା ସହ ମଙ୍ଗଳବାର ସ୍ୱଚ୍ଛତା ସଚେତନତା କରାଯିବ । ୪ ଏବଂ ୫ ତାରିଖରେ କମ୍ୟୁନିଟି ଆଉଟ୍‌ରିଚ୍ ଦିବସ ପାଳନ କରାଯିବ । ଏହି ପକ୍ଷ ପାଳନ ସମୟରେ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହେବ ।

## ସୁଭଦ୍ରା ଆବେଦନ

**ବୌଦ୍ଧ** ଜିଲ୍ଲାରେ ସୁଭଦ୍ରା ଯୋଜନା ପାଇଁ ହିତାଧିକାରୀମାନେ ଆବେଦନ ଆରମ୍ଭ କରିଛନ୍ତି । ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ସୁଭଦ୍ରା ଯୋଜନା ଫର୍ମ ବିତରଣ କରିବା ସହ ଆବେଦନ କରିବା ପାଇଁ ହିତାଧିକାରୀମାନଙ୍କୁ ସହଯୋଗ କରୁଛନ୍ତି । ଜିଲ୍ଲାରେ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ୍ ପଡିବେ ନାହିଁ ସେ ଦିଗରେ ଯତ୍ନବାନ୍ ହେବାକୁ ଜିଲ୍ଲାପାଳ ଶ୍ରୀ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି ।

## ସଂସ୍କୃତ ଦିବସ ସମାରୋହ

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ସଂସ୍କୃତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ  ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଛି । ରାଜ୍ୟ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ  ଗଜପତି ଜିଲ୍ଲା ଶାଖା ପକ୍ଷରୁ ଏହି ଅଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଗଜପତି ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ମାୟାଧର ସାହୁ ଯୋଗଦେଇ ସଂସ୍କୃତ ଶିକ୍ଷାର ମହନୀୟତା ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ ।

## ଗଙ୍ଗାଧର ମେହେର ଜୟନ୍ତୀ

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ୱଭାବ କବୀ ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସପ୍ତର୍ଷି ପତ୍ରିକା ଉନ୍ମୋଚନ କରାଯାଇଛି। ଏଥିରେ ବିଭିନ୍ନ ସାହିତ୍ୟିକ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ଜନଜାତି ବୈଠକ

ବଲାଙ୍ଗିରସ୍ଥିତ ସାମ୍ବାଦିକ ଭବନରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗତକାଲି ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ଆଜି ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଓ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଦକ୍ଷିଣ ଏବଂ

ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଏହି ସମୟ ମଧ୍ୟରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୩୫ ରୁ ୪୫ କିଲୋମିଟର ମଧ୍ୟରେ ପବନ ବହିବାର ସମ୍ଭାବନା ରହିଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

**********************************